# ୭୧ ବେଆଇନ କଟିଂ, ବଢୁଛି ଦୁର୍ଘଟଣା

**ଢେଙ୍କାନାଳ,୩୦।୯(ରତନ ନାୟାର)**

ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ସୋମବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରି ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପୂର୍ବରୁ ଜାତୀୟ ରାଜପଥର ବିପଦସଙ୍କୁଳ ସ୍ଥାନ ଗୁଡିକର ତୁରନ୍ତ ମରାମତି ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜାତୀୟ ରାଜପଥରେ ଦୁର୍ଘଟଣା ଜନିତ ମୃତ୍ୟୁ ବଢୁଥିବାରୁ ସମ୍ପ୍ରସାରଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଢେଙ୍କାନାଳ ଜିଲା ମଧ୍ୟଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ଠାରୁ କଣ୍ଟାବଣିଆ ଥାନା ଟାଟା ଷ୍ଟିଲ ଛକ ମଧ୍ୟରେ ରାଜପଥରେ ୭୧ଟି ବେଆଇନ କଟିଂ ରହିଥିବା ବୈଠକରେ ସୂଚନା ଦିଆଯାଇଥିଲା। ଫଳରେ ଏହି କାରଣରୁ ଦୁର୍ଘଟଣା ବଢୁଛି। ଏଥିପାଇଁ ଆଞ୍ଚଳିକ ପରିବହନ ବିଭାଗ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

- ୫୫ନଂ. ଜାତୀୟ ରାଜପଥରେ ଯାଇଛି ୧୨୬ ଜଣଙ୍କ ଜୀବନ
- ପଶାସିଂହ ଏବଂ ଓଡ଼ାପଡ଼ା ହାତୀ ଚଲାପଥ ଡିସେମ୍ବରରେ ସରିବ
- ସଦର ଓ କାମାକ୍ଷାନଗର ଥାନା ଅଞ୍ଚଳରେ ଦୁର୍ଘଟଣା ଅଧିକ
- ଶିଳ୍ପାଞ୍ଚଳରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପ୍ରସ୍ତାବ

ଓ ପୋଲିସ ପକ୍ଷରୁ ରାଜପଥ କଡରେ ଥିବା ଢାବା, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନକୁ ତାଗିଦ୍ କରାଯିବା ସହିତ ବେଆଇନ କଟିଂ କରାଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସେହିପରି ଢେଙ୍କାନାଳ ଜିଲାରେ ୫୫ନଂ ଜାତୀୟ ରାଜପଥ ଉପରେ ଓଡ଼ାପଡ଼ା ଓ ପସାସିଂହ ଠାରେ ଡିସେମ୍ବର ସୁଦ୍ଧା ୨ଟି ହାତୀ ଚଲାପଥ ବା ଅଣ୍ଡରପାସ୍ ନିର୍ମାଣ



୫୫ନଂ ଜାତୀୟ ରାଜପଥ।

କାର୍ଯ୍ୟ ଶେଷ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଅନ୍ୟ ଦୁଇଟି ହାତୀ ଚଲାପଥ ଜାନୁଆରୀ ମଧ୍ୟରେ ଶେଷ ହେବ ବୋଲି ସୂଚନାରୁ ଜଣାପଡିଛି। ସେହିପରି ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲ ନିକଟରେ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଉ ଗୋଟିଏ ଟ୍ରକ୍ ଟର୍ମିନାଲ ନିର୍ମାଣ ନିମନ୍ତେ କମିଟିର ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ସେହିପରି ରାଜପଥରେ ଦ୍ରୁତ ଗତିରେ ଯାଉଥିବା ଯାନବାହନ ବେଗ ନିୟନ୍ତ୍ରଣ ପାଇଁ ଏବଂ ଏଥିନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ୟାମେରା ଲଗାଇବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଜିଲାରେ ୨୦୨୪ ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ୨୬୪ଟି ଦୁର୍ଘଟଣା ଘଟି ୧୨୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୧୫ଜଣ ଆହତ ହୋଇଥିବା ସୂଚନା ଦିଆଯାଇଥିଲା। କେବଳ ଅଗଷ୍ଟ ମାସରେ ୨୭ଟି ଦୁର୍ଘଟଣା ଘଟି ୧୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ଜଣ ଆହତ ହୋଇଛନ୍ତି। ଜିଲାରେ ୫୫ନଂ ଜାତୀୟ ରାଜପଥରେ ସଦର ଥାନା ଅଞ୍ଚଳରେ ୨୦୨୪ ଅଗଷ୍ଟ ମଧ୍ୟରେ ସର୍ବାଧିକ ୫୪ଟି ଦୁର୍ଘଟଣା ଘଟି ୨୪ଜଣଙ୍କ ମୃତ୍ୟୁ ହୋଇଛି। ମୋଟଙ୍ଗା ଥାନା ଅଞ୍ଚଳରେ ୧୯ଟି ଦୁର୍ଘଟଣା ଘଟି ୧୦ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ୫୩ନଂ ଜାତୀୟ ରାଜପଥରେ କାମାକ୍ଷାନଗର ଥାନା ଅଞ୍ଚଳରେ ଅଗଷ୍ଟ ମଧ୍ୟରେ ୩୪ଟି ଦୁର୍ଘଟଣା ଘଟି ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପରଜଙ୍ଗ ଥାନା ଅଞ୍ଚଳରେ ୩୦ଟି ଦୁର୍ଘଟଣା ଘଟି ୧୦ଜଣଙ୍କ ମୃତ୍ୟୁ ହୋଇଛି। ଜାତୀୟ ରାଜପଥ ଗୁଡିକରେ ୨ଚକିଆ ଯାନ ଚାଳକ ଅଧିକ ସଂଖ୍ୟାରେ ପ୍ରାଣ ହରାଉଛନ୍ତି। ସେହିପରି ମୋଟଙ୍ଗା ଥାନା ହିନ୍ଦୋଳ ଫାଣ୍ଡି ବଳରାମ ପ୍ରସାଦ ଅଞ୍ଚଳର ଜାତୀୟ ରାଜପଥ ଉପରେ ଥିବା ବ୍ରିଜ୍ ବିପଦ ସଙ୍କୁଳ ହୋଇ ରହିଥିବାରୁ ଏଥିରେ ଦୁର୍ଘଟଣା ସମ୍ଭାବନା ଅଧିକ ରହିଛି। ତେଣୁ ନୂତନ ବ୍ରିଜ୍ ନିର୍ମାଣ ହେବା ପର୍ଯ୍ୟନ୍ତ ଏହା ଉପରେ ଯାନବାହନ ବେଗ କମାଇବା ପାଇଁ ସାଇନେଜ୍ ଲଗାଇବା ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣକୁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ୫୫ନଂ ଜାତୀୟ ରାଜପଥରେ ଗୋବିନ୍ଦପୁର ଛକ, ମହିଷାପାଟ ଓ କଣ୍ଟାନାଳୀ ବାଇପାସ ଛକରେ ଉଭରବ୍ରିଜ୍ ଓ ଅଣ୍ଡରପାସ୍ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଠାରେ ଜାତୀୟ ପ୍ରାଧିକରଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଜିଲାପାଳ ମଧ୍ୟ ଏଥିନିମନ୍ତେ ପ୍ରସ୍ତାବ ଦେଇଥିବା ଜାତୀୟ ରାଜପଥ ଅଧିକାରୀ ସୂଚନା ଦେଇଥିଲେ। ଭାପୁର-ଶଙ୍କରପୁର ଦେଇ ଯାଇଥିବା ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ୬୫୫ନଂ ଜାତୀୟ ରାଜପଥ ମାନ୍ୟତା ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୂର୍ତ୍ତବିଭାଗ ପକ୍ଷରୁ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବା ସୂଚନା ଦିଆଯାଇଥିଲା। ଜିଲାରେ ଦୁର୍ଘଟଣାଜନିତ ସ୍ଥିତି ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ପ୍ରଦାନ କରିଥିଲେ। ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଢେଙ୍କାନାଳ-କପିଳାସ ଓ ହରିପୁର ଏବଂ ଗୁଡିଆକାଟେଣୀ, ହିନ୍ଦୋଳ ପର୍ତ୍ତବିଭାଗ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଡ଼କ ସୁରକ୍ଷା କମିଟି ସଭ୍ୟ ବିରଞ୍ଚି ନାରାୟଣ ପାଣି ଓ ପ୍ରଦ୍ୟୁମ୍ନ ରଥ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# କନିଷ୍ଠ ଶିକ୍ଷକମାନଙ୍କୁ ଜିଲାସ୍ତରରେ ନିଯୁକ୍ତି ଦିଆଯାଉ

**ଢେଙ୍କାନାଳ,୩୦।୯(ରତନ ନାୟାର)**

କନିଷ୍ଠ ଶିକ୍ଷକମାନଙ୍କୁ ରାଜ୍ୟସ୍ତରରେ ନିଯୁକ୍ତି ଦିଆ ନ ଯାଇ ଜିଲାସ୍ତରରେ ନିଯୁକ୍ତି ଦେବା ଆବଶ୍ୟକ ବୋଲି ଢେଙ୍କାନାଳରେ ରହୁଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଓଡ଼ିଶାର ପୂର୍ବତନ ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀ ସୋମବାର ଜଣାଇଛନ୍ତି। ସେ କହିଛନ୍ତି, କନିଷ୍ଠ ଶିକ୍ଷକମାନେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ। ନିଜ ଜିଲାରେ ସୁଯୋଗ ନ ପାଇବା ଦ୍ୱାରା ଅନ୍ୟ ଜିଲାରେ ଚାକିରି କରି ନିଜ ଜିଲାକୁ ଫେରିବା ସେମାନଙ୍କ ପାଇଁ ସମ୍ଭବପର ହେବ ନାହିଁ। କେବଳ ଟର୍ମିନାଲ ଡିଜିକ୍ ଥିଲେ ଯାଇ ନିଜ ଜିଲାକୁ ସେମାନେ ଫେରିପାରିବେ। ତେଣୁ କେଉଁ କାରଣରୁ ଏହି ପଦକ୍ଷେପ ଗ୍ରହଣ କରାଗଲା, ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ଜିଲାରେ ପ୍ରତିବାଦ ମଧ୍ୟ ହେଉଥିବା ନଜର ଆସିଛି। ତେଣୁ କୌଣସି ସମସ୍ୟା ସୃଷ୍ଟି ନ ହେବା ପାଇଁ କନିଷ୍ଠ ଶିକ୍ଷକମାନଙ୍କୁ ଜିଲାସ୍ତରରେ ନିଯୁକ୍ତି ଦିଆଯିବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଓଡ଼ିଶାର ପୂର୍ବତନ ସଭାପତି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ୬୭ ଅଭିଯୋଗର ସମାଧାନ

**ଢେଙ୍କାନାଳ,୩୦।୯(ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୫୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ୬୭ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଭିଯୋଗଗୁଡିକ ଉପରେ ଶୁଣାଣି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହାୟତା ପାଇଁ ୬ଟି ଓ ରେଡକ୍ରସ ସହାୟତା ପାଣ୍ଠିରୁ ସହାୟତା ପାଇଁ ୪ଟି ଆବେଦନ ଗ୍ରହଣ କରାଯାଇଥିଲା। ଏଥିପାଇଁ ୮୪ ହଜାର ଟଙ୍କା ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ହିନ୍ଦୋଳରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀମାନେ।

# ମୁଖ୍ୟ ପ୍ରାଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଓଡ଼ାପଡ଼ା,୩୦।୯ (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ମାନସୀ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁପ୍ରାସାଦ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡା ଓ ଅଧ୍ୟାପକ ରଞ୍ଜନ କୁମାର ସାହୁ ଯୋଗଦେଇଥିଲେ। କର୍ମଚାରୀ ପରିଷଦ ତରଫରୁ ପ୍ରାଧ୍ୟାପିକା ଡ. କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଯିବା ସହିତ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା। ସଭାପତି ଡ. ପ୍ରଧାନ ଡ. କରଙ୍କ ମହାବିଦ୍ୟାଳୟ ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା




ସହିତ ସମସ୍ତ କର୍ମଚାରୀ ଡ. କରଙ୍କ ପରି କର୍ତ୍ତବ୍ୟନିଷ୍ଠ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ପ୍ରଧ୍ୟାପକ ଗୁରୁଚରଣ ରାଉତରାୟ ଡ. କରଙ୍କ ଛାତ୍ରୀଛାତ୍ରମାନଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧ୍ୟାପକ ଡ. ତପନ କୁମାର ପଣ୍ଡା ଡ. କର ଶିକ୍ଷାଦାନ ପ୍ରଣାଳୀର ଉଚ୍ଚ ପ୍ରଶଂସା କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସାହୁ ଡ଼. କରଙ୍କ ଭଳି ସହକର୍ମୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପକ ନୀଳକଣ୍ଠ ଦାସ, ତ୍ରିଲୋଚନ ସାହୁ, ମନୋଜ କୁମାର ରାଉତ, ଡ. ରାଜକିଶୋର ସାମଲ, ବିଜୟ କୁମାର ସାହୁ, ଡ. ବଳରାମ ପୃଷ୍ଟି, ଅକ୍ଷୟ କୁମାର ସାହୁ, ଡ. ଦୀନନାଥ ଦାସ, କୃଷ୍ଣଚନ୍ଦ୍ର ସାହୁ, ମଙ୍ଗରାଜ ମହାପାତ୍ର, ଅଜୟ କୁମାର ପ୍ରଧାନ, ସୌଭାଗ୍ୟ କୁମାର ସାମଲ, ଅଧ୍ୟାପିକା ସ୍ୱାତିସ୍ନିଗ୍ଧା ପାଣିଗ୍ରାହୀ, ମଧୁସ୍ମିତା ମହାନ୍ତି, କାଦମ୍ବିନୀ ରାଉଳ, ଶର୍ମିଷ୍ଠା ସାହୁ, ଇପ୍ସିତା ପ୍ରିୟଦର୍ଶିନୀ ପୃଷ୍ଟି, ପ୍ରିୟଦର୍ଶିନୀ ସାହୁ ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଡ. ଦେବାନନ୍ଦ ଦାସ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଣବ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ କିରାଣି ଦିଲୀପ କୁମାର ପୃଷ୍ଟି, ଶିଶିର କୁମାର ବେହେରା ଓ ଦୀପକ ରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ।

# ଜାତୀୟ ସେବା ଯୋଜନା ପକ୍ଷରୁ ଚାରା ରୋପଣ




**ଭୁବନ, ୩୦।୯(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ସୋମବାର ଜାତୀୟ ସେବା ଯୋଜନା ଶିବିର ପକ୍ଷରୁ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦୦ ତାଳଗଛ ମଞ୍ଜି ରୋପଣ କରାଯାଇଥିଲା। ଏହି ଶିବିର ୭ ଦିନ ଧରି ଚାଲୁ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ରମାଦେବୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ସୁଶାନ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହିଳା ଡିଗ୍ରି କଲେଜ ଅଧ୍ୟକ୍ଷ ଦିଲୀପ ଦାସ ସଭାପତିତ୍ୱ କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ମମତା ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କ ସେବା ମନୋଭାବକୁ ପ୍ରଶଂସା କରିଥିଲେ। ରାଜନୀତି ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଓ ଉଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ସଙ୍ଗିତ କୁମାର ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ସଂଯୋଜକ ତଥା ସଂସ୍କୃତି ବିଭାଗ ଅଧ୍ୟାପକ ନିରଞ୍ଜନ ନାୟକ ସଂଯୋଜନା କରିଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀ ଯୋଗଦେଇଥିଲେ। ସମସ୍ତ ଅଧ୍ୟାପିକା , ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଉନ୍ନତ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ




**ଓଡ଼ାପଡ଼ା,୩୦।୯ (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡା, ଅଧ୍ୟାପିକା ମଧୁସ୍ମିତା ମହାନ୍ତି ଓ ଅରୁନ୍ଧତୀ ରାଉତ ଉପସ୍ଥିତ ଥିଲେ। ସଭାପତି ଡ. ପ୍ରଧାନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଛାତ୍ରୀଛାତ୍ରଙ୍କ ଉନ୍ନତ ଭବିଷ୍ୟତ ଗଠନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡା ଅଭିଭାବକମାନେ ହିଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ ଓ ଶୃଙ୍ଖଳିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ଏହି ଅବସରରେ ସରକାରଙ୍କ ନିୟମ ଅନୁସାରେ ଛାତ୍ରୀଛାତ୍ରୀ ଓ ଅଭିଭାବକମାନଙ୍କ ଦାରା 'ଆପାର୍' ଫର୍ମ ପୂରଣ କରାଯାଇଥିଲା। ଅଧ୍ୟାପକ ବିଜୟ କୁମାର ସାହୁ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ସକାରାତ୍ମକ ମନୋଭାବ ନେଇ ଭବିଷ୍ୟତ ଗଢ଼

**ଢେଙ୍କାନାଳ,୩୦।୯(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏକାଗ୍ରତା, ସହନଶୀଳତା ଓ ସକାରାତ୍ମକ ମନୋଭାବ ନେଇ ନିଜର ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଡ. ସିତାଂଶୁ ଶେଖର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିକୂଳ ପରିସ୍ଥିତିକୁ ସାମନା ସହ ସମୟର ସଦୁପଯୋଗ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ସଂଯୋଜକ ଡ. ଦେବରାଜ ପରିଡ଼ା ଜୀବନରେ ଭଲ ମଣିଷଟିଏ ହେବାକୁ ହେଲେ ଧୈର୍ଯ୍ୟ, ସହନଶୀଳତା, କଠିନ ପରିଶ୍ରମୀ ଓ ଶୃଙ୍ଖଳିତ ହେବା ଜରୁରୀ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ମାନସୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ରୋଜାଲିନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ପାଲ, ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ କୁମାର ନନ୍ଦ, ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



ବୈଷୟିକ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ।

# ବାୟୁସେନା ଯବାନଙ୍କ ଅକାଳ ବିୟୋଗ


ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ କରାଯାଉଛି।


ଗ୍ରାମ ଶ୍ମଶାନରେ ଢେଙ୍କାନାଳ ଏମ୍‌ପିଙ୍କ ସହିତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**କାମାକ୍ଷାନଗର, ୩୦।୯ (ସୁଧୀର ପରିଡ଼ା)**

**ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେଲା ଶେଷକୃତ୍ୟ**

ବାୟୁସେନାରେ କାର୍ଯ୍ୟରତ କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଗ୍ରାମର ସୁରଜ କୁମାର ହୋତାଙ୍କ ଗତ ୨୭ ତାରିଖରେ ଅକାଳ ବିୟୋଗ ଘଟିଛି। ସୁରଜ ୧୩ ବର୍ଷ ଧରି ଭାରତୀୟ ବାୟୁସେନାରେ କାର୍ଯ୍ୟ କରି ଆସୁଥିଲେ। ବାୟୁସେନାର ଆମ୍ବାଲା କ୍ୟାମ୍ପରେ ଡ୍ୟୁଟି କରୁଥିବା ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଦିଲ୍ଲୀ ସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ତାଙ୍କ ପାର୍ଥିବ ଶରୀର ଅଁଳାବେରେଣୀ ସ୍ଥିତ ଘରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ ବ୍ୟକ୍ତି ଓ ଅଞ୍ଚଳବାସୀ ଶେଷ ଦର୍ଶନ କରିବା ପରେ ସଂକୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବାୟୁସେନା ତରଫରୁ ତୋପ ସଲାମି ପ୍ରଦାନ କରାଯିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶ୍ମଶାନଠାରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କ ଘରୁ ସ୍ୱାମୀଙ୍କ ମୃତଦେହ ଜବତ

■ଗୋଦାମ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଥିଲେ
■ଶ୍ୱଶୁରଘର ଲୋକ କହୁଛନ୍ତି ଆତ୍ମହତ୍ୟା
■ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



ଅନୁଗୋଳ,୩୦।୯ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଣତି ମାଝୀଙ୍କ ଘରୁ ତାଙ୍କ ସ୍ୱାମୀ ରଶ୍ମିରଞ୍ଜନ ବିଶ୍ୱାଳଙ୍କ ଝୁଲନ୍ତା ମୃତଦେହ ସୋମବାର ଅନୁଗୋଳ ପୋଲିସ ଜବତ କରିଛି। ଗୋଦାମ ଘର ଭିତରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବାବେଳେ କନିଷ୍ଠ ଯନ୍ତ୍ରୀଙ୍କ ପରିବାର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହୁଛନ୍ତି। ହେଲେ ମୃତକଙ୍କ ପରିବାର ଲୋକେ ଏହା ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି। ଫଳରେ ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରାତି ପ୍ରାୟ ୯ଟାରେ ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସୂଚନା ଅନୁସାରେ, ଅନୁଗୋଳ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ପ୍ରଣତି ଶିକ୍ଷକପଡ଼ାସ୍ଥିତ ଘରେ ରହୁଥିଲେ। ସେଠାରେ ତାଙ୍କ ସହ ସ୍ୱାମୀ ତଥା କିଶୋରନଗର ଥାନା ଧଉରାପାଲି ଅଞ୍ଚଳର ରଶ୍ମିରଞ୍ଜନ ରହି ଔଷଧ ବ୍ୟବସାୟ କରୁଥିଲେ। ରବିବାର ବିଳମ୍ବିତ ରାତିରେ ରଶ୍ମିରଞ୍ଜନଙ୍କ ଝୁଲନ୍ତା ମୃତଦେହ ଗୋଦାମଘର ଭିତରେ ଦେଖିବାକୁ ମିଳିଥିଲା। ପ୍ରଣତିଙ୍କ ପରିବାର ଲୋକ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଶ୍ମିରଞ୍ଜନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ରାତି ପ୍ରାୟ ୨ଟା୩୦ରେ ରଶ୍ମିରଞ୍ଜନଙ୍କ ପରିବାର ଲୋକେ ଶିକ୍ଷକପଡ଼ାରେ ପହଞ୍ଚି ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଫଳରେ ପୋଲିସ ସାଇଣ୍ଟିଫିକ ଟିମ୍‌କୁ ଡକାଇ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ କରିଥିଲା। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ବାପା ମଧୁସୂଦନ ମାଝୀ କହିଛନ୍ତି, ତାଙ୍କ ଝିଅ ପ୍ରଣତି ପୂର୍ବରୁ ବିବାହ କରିଥିଲେ। ଅକସ୍ମାତ ଜ୍ୱାଇଁଙ୍କ ମୃତ୍ୟୁ ପରେ ସେବେଠାରୁ ଝିଅ ତାଙ୍କ ଘରେ ରହୁଥିଲେ। ରଶ୍ମିରଞ୍ଜନଙ୍କ ସହ ପରିଚୟ ପରେ ରଶ୍ମିରଞ୍ଜନ ଆସି ତାଙ୍କ ଘରେ ରହୁଥିଲେ। କିଛି କାମଧନ୍ଦା କରୁ ନ ଥିବାରୁ ଝିଅ ପ୍ରଣତିଙ୍କ ଆର୍ଥିକ ସହାୟତାରେ ରଶ୍ମିରଞ୍ଜନ ଔଷଧ ବ୍ୟବସାୟ କରୁଥିଲେ। ଅନେକ ସମୟରେ ମଦ୍ୟପାନ କରି ରଶ୍ମିରଞ୍ଜନ ଘରେ ଅଶାନ୍ତି ସୃଷ୍ଟି କରୁଥିଲେ। ରବିବାର ମଧ୍ୟ ସେ ଘରେ ପାଟିତୁଣ୍ଡ କରିଥିଲେ। ଏହାପରେ ବିଳମ୍ବିତ ରାତିରେ ରଶ୍ମିରଞ୍ଜନଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରଶ୍ମିରଞ୍ଜନଙ୍କ ମା' କହିଛନ୍ତି, ତାଙ୍କ ପୁଅ କନିଷ୍ଠ ଯନ୍ତ୍ରୀଙ୍କୁ ବିବାହ ପରେ ଶ୍ୱଶୁର ଘରେ ଘରଜ୍ୱାଇଁ ହିସାବରେ ରହୁଥିଲେ। ରୋଜଗାର କରୁ ନ ଥିବାରୁ ଶ୍ୱଶୁର ଘର ଲୋକେ ସବୁବେଳେ ମାନସିକ ନିର୍ଯାତନା ଦେଉଥିଲେ। ଏହି କାରଣରୁ ରଶ୍ମିରଞ୍ଜନଙ୍କୁ ମାରିଦେଇ ଆତ୍ମହତ୍ୟାର ରୂପ ଦିଆଯାଉଛି ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଘର ଚାରି ପାଖରେ ଲାଗିଥିବା ସିସିଟିଭି କ୍ୟାମେରାକୁ ନିଜ ହେପାଜତକୁ ନେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ଜନଶୁଣାଣି ଓ ସଚେତନତା ଶିବିର

ପବିତ୍ରନଗର,୩୦।୯,(ନିରୋଜ କୁମାର ପ୍ରଧାନ)



କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁମିତ୍ରା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସରୋଜ କୁମାର ପ୍ରଧାନ, ସିଡିପିଓ ରେଣୁବାଳା ଦେଇ, ଜିପିଓ ବିଜୟ କୁମାର ସାହୁ, ପଞ୍ଚାୟତ କାର୍ଯ୍ୟକାରୀ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, ସମିତି ସଭ୍ୟ ଦୀପ୍ତିମୟୀ ମହାନ୍ତି ଓ ଏଡିଇଓ ସୁଶାନ୍ତ କୁମାର ଭୂତିଆଙ୍କ ସହିତ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅଧିକାରୀମାନେ ଆଲୋକପାତ କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକମାନେ ମଧୁବାବୁ ପେନସନ ଯୋଜନା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ବିଶୁଦ୍ଧ ପାନୀୟଜଳ ଯୋଗାଣ, ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ଏଗୁଡିକର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ଓ ପରାମର୍ଶ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହିଥିବା ସମସ୍ୟା ସମ୍ପର୍କିତ ଅଭିଯୋଗର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟାରେ ହିତାଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ



ଜିଲା ସମାଜସେବୀ ମହାସଂଘ ତରଫରୁ ସଫେଇ ଓ ଚାରାରୋପଣ କରାଯାଉଛି।

ଅନୁଗୋଳ,୩୦।୯(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଟାଉନ ଥାନା ପରିସରରେ ଜିଲା ସମାଜସେବୀ ମହାସଂଘ ତରଫରୁ ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଆବାହକ ଚିନ୍ମୟୀ ଦାସ, ସଭାପତି ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଆମ୍ବ, ପଣସ, ଅଁଳା, ପିସ୍ତା ବାଦାମ, ଅଶୋକ, ପିଜୁଳି ଭଳି ଫଳଗଛ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ଟାଉନ ଥାନାର ଆଇଆଇସି ଧୀରେଶ ଦାସ ଓ ବଅଁରପାଳ ଆଇଆଇସି ଦୁଷ୍ମନ୍ତ କୁମାର ସିଂଙ୍କ ସହ ଟାଉନ ଥାନାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘ ସଦସ୍ୟ ଶେଷ ଜୀବନ ସାଥୀ (ବନ୍ଧା), ମାନବ ସେବାଶ୍ରମ (ଅନୁଗୋଳ), ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ(କାଣ୍ଡସର), ମାନବ ସେବା ମାଧବ ସେବା ଚାରିଟେବୁଲ୍ ଟ୍ରଷ୍ଟ(ଖଣ୍ଡହତା), ଉତ୍ସର୍ଗ ପରିବାର (ତାଳଚେର), ମା ଫାଉଣ୍ଡେଶନ (ଚୌଦ୍ୱାର), କୋହିନୂର୍ କ୍ଲବ୍ (ବଳରାମପ୍ରସାଦ) ପ୍ରମୁଖ ଅନୁଷ୍ଠାନ ସହଯୋଗ କରିଥିଲେ।

# ବଡ଼ବଡ଼ିଆଙ୍କ କବଜାରେ ଜିଲା କାର୍ଯ୍ୟାଳୟ ରାସ୍ତା

ଅନୁଗୋଳ,୩୦।୯ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳ ଜିଲା କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ଏବେ ବଡ଼ବଡ଼ିଆଙ୍କ କବ୍‌ଜାରେ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ବେଆଇନ ଭାବରେ ବଡ଼ବଡ଼ିଆ ବାବୁଙ୍କ ଗାଡ଼ି ପାର୍କିଂ କରାଯାଉଥିବାରୁ ଅନେକ ସମୟରେ ରାସ୍ତା ଜାମ ହୋଇଯାଉଛି। ଫଳରେ ସାଧାରଣ ଲୋକେ ଯାତାୟାତରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସୋମବାର ଏପରି ଘଟଣା ଅଦ୍ୱୈତ୍ୟ ମାର୍ଗରେ ଦେଖିବାକୁ ମିଳିଛି। ଏହି ରାସ୍ତାଟି ମୁଖ୍ୟତଃ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ଏଥିସହ ବହୁ ସରକାରୀ କାର୍ଯ୍ୟାଳୟକୁ ଏହି ରାସ୍ତା ଦେଇ ଲୋକମାନେ ଯିବାଆସିବା କରିଥାନ୍ତି। ସୋମବାର ସକାଳୁ ରାସ୍ତାର ଦୁଇ ପାର୍ଶ୍ୱରେ ବଡବଡ଼ ଗାଡ଼ି ଠିଆ କରାଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ରାସ୍ତାରେ ଅନ୍ୟ ଗାଡ଼ି ଚଳାଚଳ କଷ୍ଟକର ହୋଇପଡ଼ିଥିଲା। ଏପରି କି ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବା କଷ୍ଟ ହୋଇଯାଇଥିଲା। ଜନ ଶୁଣାଣି ପାଇଁ ଆସିଥିବା ଲୋକମାନେ ଜାମରେ ଫସି ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଅନ୍ତର୍ଜାତୀୟ ବଧିର ସପ୍ତାହ ପାଳିତ




ବିଶ୍ୱ ବଧିର ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ଅନୁଗୋଳ,୩୦।୯(ମାନସ ବିଶ୍ୱାଳ)

ଅନ୍ତର୍ଜାତୀୟ ବଧିର ସପ୍ତାହ ଅନୁଗୋଳ ଜିଲା ବଧିର ସଂଘ ତରଫରୁ ପାଳିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ମୂକ ଓ ବଧିରଙ୍କୁ ନେଇ ଏହି ଅବସରରେ ଆୟୋଜିତ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ସେମାନଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ। ଏଥିସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ୧୦ତମ ବାର୍ଷିକ ବଧିର ସମ୍ମିଳନୀରେ ଓଡ଼ିଶା ବଧିର ସଂଘ ଉପାଧ୍ୟକ୍ଷ ମନୋରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନୁଗୋଳ ଜିଲା ବଧିର ସଂଘ ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜିତ ହୋତା ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସ୍ନେହଲତା ସେଠୀ, ଉପ ସଭାପତି ସନ୍ତୋଷ ବେହେରା ଓ ସାଂକେତିକ ଭାଷା ଉପସ୍ଥାପକ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ଉନ୍ନତି ସହିତ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ।

# ଠକାମିର ଶିକାର ଏକାଧିକ ମହିଳା ଥାନାର ଦ୍ୱାରସ୍ଥ

ଅନୁଗୋଳ,୩୦।୯(ମାନସ ବିଶ୍ୱାଳ)

ଅନୁଗୋଳ ଟାଉନ ଥାନା ହାଟ ଛକ ଅଞ୍ଚଳ ତଥା ୧୧ ନମ୍ବର ୱାର୍ଡରେ ରହୁଥିବା କେତେଜଣ ମହିଳାଙ୍କ ଠାରୁ ସେହି ଅଞ୍ଚଳର ଜଣେ ମହିଳା ଟଙ୍କା ନେଇ ଫେରାଉ ନ ଥିବାରୁ ସମ୍ପୃକ୍ତ ମହିଳାମାନେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଟଙ୍କା ନେଇଥିବା ମହିଳା ଜଣକ ହାଟଛକ ଅଞ୍ଚଳର ଲିପି ନାଏକଙ୍କ ଠାରୁ ୬୦ ହଜାର, ଆରତି ନାଏକ ଠାରୁ ୪୦ ହଜାର, ସୁମିତ୍ରା ପ୍ରଧାନ ଠାରୁ ୬୦ ହଜାର, ଭାଗ୍ୟବତୀ ପ୍ରଧାନଙ୍କ ଠାରୁ ୧୨ ହଜାର, କାବେରୀ ପ୍ରଧାନଙ୍କ ଠାରୁ ୬୫ ହଜାର, ସଂଯୁକ୍ତା ନାଏକଙ୍କଠାରୁ ୧୬ ହଜାର, ପୂଜା ପ୍ରଧାନଙ୍କ ଠାରୁ ୫୦ ହଜାର ଟଙ୍କା ନେଇଛନ୍ତି। ଝିଅ ପାଠପଢା ଏବଂ ବାହାଘର ପାଇଁ ସେ ଟଙ୍କା ନେଇଥିଲେ। ପ୍ରତି ମାସରେ ଶୁଝିଦେବେ ବୋଲି କହିଥିଲେ। କିନ୍ତୁ ଟଙ୍କା ଫେରେଇବା ତ ଦୂରର କଥା ଏବେ ଧରାଛୁଆଁ ଦେଉନାହାନ୍ତି। ଏଣୁ ବାଧ୍ୟ ହୋଇ ଠକାମିର ଶିକାର ହୋଇଥିବା ମହିଳାମାନେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା କହିଛି।



ଠକାମୀରେ ଶିକାର ହୋଇଥିବା ମହିଳାମନେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବିଭାରାଣୀଙ୍କ ଉପଲବ୍ଧି ଗର୍ବର ବିଷୟ: ବିଜୟ ଚାନ୍ଦ

ତାଳଚେର,୩୦।୯ (ମନୋଜ ନନ୍ଦ)

ଓଡ଼ିଶାର ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କ ମାଉଣ୍ଟ ଏଲବ୍ରୁସ ସଫଳ ଅଭିଯାନର ପ୍ରାୟୋଜକ ଥିଲା ଏନ୍‌ଟିପିସି ତାଳଚେର ଥର୍ମାଲ। ଏହି ପ୍ରାୟୋଜନ ଏନ୍‌ଟିପିସି ତାଳଚେର ଥର୍ମାଲ ସମୁଦାୟ ଉନ୍ନୟନ ପ୍ରକଳ୍ପର ଏକ ଅଂଶ, ଯାହା ଆଞ୍ଚଳିକ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେଇ ଏବଂ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ରତା ଲାଭ କରିବାକୁ ପ୍ରେରିତ କରିବାର ଲକ୍ଷ୍ୟ ରଖିଛି। ମେରାମୁଣ୍ଡଳୀ ତାଳଚେରରେ ଜନ୍ମ ନେଇଥିବା ବିଭାରାଣୀ ମାଉଣ୍ଟ ଷ୍ଟୋକ କାଙ୍ଗ୍ରୀ ଓ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ସହ ମାଉଣ୍ଟ ଏଲବ୍ରୁସ ଉପରେ ଏହି ଚାଲେଞ୍ଜିଂ ଅଭିଯାନକୁ ଆରମ୍ଭ କରିଥିଲେ। ବିଭାରାଣୀଙ୍କ ଏହି ଉଦ୍ୟମ ଓଡ଼ିଶାକୁ ବିଶ୍ୱ ପର୍ବତାରୋହଣ ମାନଚିତ୍ରରେ ନୂତନ ପରିଚୟ ଦେଇଛି। ବିଭାରାଣୀଙ୍କ ଏହି ଉପଲବ୍ଧି ଅତ୍ୟନ୍ତ ଗର୍ବର ବିଷୟ ବୋଲି ଏନ୍‌ଟିପିସି ତାଳଚେର ଥର୍ମାଲ ପ୍ରକଳ୍ପ ମୁଖ୍ୟ ଓ ସିଜିଏମ ବିଜୟ ଚାନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାରାଣୀ ଏନଟିପିସି ତାଳଚେର ଥର୍ମାଲକୁ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିଭାରାଣୀ କହିଛନ୍ତି, ମାଉଣ୍ଟ ଏଲବ୍ରୁସ୍ ଯାତ୍ରା ତାଙ୍କ ପାଇଁ ସପନର ସଫଳତା ଭଳି ଥିଲା। ଏନ୍‌ଟିପିସି ତାଳଚେର ଥର୍ମାଲ୍ ସମର୍ଥନ ବିନା ଏହି ପଦକ୍ଷେପ ନେଇପାରି ନ ଥାନ୍ତି। ଏହି ପଦକ୍ଷେପ ଏନ୍‌ଟିପିସି ତାଳଚେର ଥର୍ମାଲ ସ୍ଥାନୀୟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଓ ନୂତନ ସମ୍ଭାବନା ଉପଲବ୍ଧ କରିବାର ପ୍ରତିବଦ୍ଧତାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏନଟିପିସିର ଏଭଳି ପ୍ରୟାସ ସେମାନଙ୍କୁ ଉତ୍ସାହିତ କରିଛି।



# ପାଲ ନ ଭିଡ଼ି କୋଇଲା ପରିବହନ କଲେ ଆନ୍ଦୋଳନ

## ରେଲୱେ ଏଆର୍‌ଏମ୍‌ଙ୍କୁ ଦାବିପତ୍ର

ତାଳଚେର,୩୦।୯ (ମନୋଜ ନନ୍ଦ)

କୋଇଲା ପରିବହନ ବେଳେ ରେଳ ୱାଗନରେ ପାଲ ଭିଡ଼ା ଯାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଆଗାମୀ ଦିନରେ କୋଇଲା ପରିବହନ ବେଳେ ପାଲ ଭିଡ଼ା ନ ଗଲେ ଆନ୍ଦୋଳନ କରାଯିବ ବୋଲି ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜ କିଶୋର ସାହୁ, ତାଳଚେରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ଶରତ ଚନ୍ଦ୍ର ନାଏକ, ପ୍ରଭାତ କୁମାର ରଥ, ପ୍ରତାପ ପ୍ରଧାନ, ଗଣପତି ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ସୋମବାର ଇଷ୍ଟକୋଷ୍ଟ ରେଲୱେ ଅଧୀନ ତାଳଚେର ଏରିଆ ରେଲୱେ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଦାବିପତ୍ରରେ ଦର୍ଶାଯାଇଛି, ତାଳଚେର ରେଲୱେ ଷ୍ଟେଶନ ଦେଇ ଦୈନିକ ଟ୍ରେନ୍ ଯୋଗେ କୋଇଲା ବିଭିନ୍ନ କଳକାରଖାନାକୁ ଏମ୍‌ସିଏଲ୍ ପକ୍ଷରୁ ପଠାଯାଉଛି। ପାଲ ଭିଡା ନ ହୋଇ କୋଇଲା ବୋଝେଇ ହୋଇ ଯାଉଥିବାରୁ ନିକଟବର୍ତ୍ତୀ ଅଞ୍ଚଳ ପ୍ରଦୂଷଣର ଶିକାର ହେଉଛି। ତାଳଚେରର ବିଭିନ୍ନ ଅନୁଷ୍ଠାନ, ଟ୍ରେଡ ୟୁନିୟନ, ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ପକ୍ଷରୁ ପୂର୍ବରୁ ଏ ନେଇ ବାରମ୍ବାର ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆଗାମୀ ଦିନରେ ଏପରି କରାଗଲେ ତାଳଚେର ଜନସାଧାରଣଙ୍କ ତରଫରୁ ବିରାଟ ଜନ ଆନ୍ଦୋଳନ କରାଯିବ। ଏଥିସହ ତାଳଚେରରୁ କୌଣସି କୋଇଲା ବୋଝେଇ ରେଳ ୱାଗନ ବିନା ପାଲ ଭିଡାରେ ବାହାରକୁ ଛଡାଯିବ ନାହିଁ। ତୁରନ୍ତ ଏହାର ସମାଧାନ କରିବାକୁ ଦାବିପତ୍ର ଯୋଗେ ଅନୁରୋଧ କରାଯାଇଛି। ସେହିପରି ତାଳଚେରଠାରେ ଅନୁଗୋଳ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ମଧ୍ୟ ଏ ନେଇ ଅଭିଯୋଗ କରାଯାଇଛି।

